# NATIONAL NEWS BULLETIN (ODIA)
## 12 August - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନିଶାମୁକ୍ତ ଭାରତ ଅଭିଯାନରେ ୧୧ କୋଟିରୁ ଅଧିକ ଲୋକ ସାମିଲ ହୋଇଥିବା ବିଭାଗୀୟ ମନ୍ତ୍ରୀଙ୍କ ସୂଚନା ।
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଅନ୍ତର୍ଗତ ସୌର ଗ୍ରାମ ଯୋଜନାର କାର୍ଯ୍ୟକାରିତା ନିମନ୍ତେ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ।
- ପଶ୍ଚିମବଙ୍ଗ ଆର୍.ଜି.କର ମେଡିକାଲ କଲେଜରେ ଘଟିଥିବା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନରେ ରେସିଡେଣ୍ଟ ଡାକ୍ତର ।
- ସପ୍ତାହେବ୍ୟାପୀ ଧର୍ମଘଟ ପରେ ବାଂଲାଦେଶରେ କାର୍ଯ୍ୟରେ ଯୋଗଦେଲେ ପୁଲିସ କର୍ମଚାରୀ ।

ଏବଂ

- ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ୀଭୂତ କରିବା ନେଇ ନେପାଳ-ଭାରତ ବୈଦେଶିକ ସଚିବସ୍ତରୀୟ ଆଲୋଚନା ଅନୁଷ୍ଠିତ ।

# ନିଶାମୁକ୍ତ ଭାରତ ଅଭିଯାନ

ସାରା ଦେଶରେ ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ଆଜି କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ସାମୂହିକ ଶପଥ ପାଠ ସମାରୋହ ଆୟୋଜିତ କରାଯାଇଥିଲା । ବିଭାଗୀୟ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ନୂଆଦିଲ୍ଲୀଠାରେ ଏ ନେଇ ଶପଥ ପାଠ କରାଇଥିବା ଜଣାପଡ଼ିଛି । ଚଳିତ ବର୍ଷ ନିଶାମୁକ୍ତ ଭାରତ ଅଭିଯାନର ବାର୍ତ୍ତା ରହିଛି 'ବିକଶିତ ଭାରତର ମନ୍ତ୍ର- ଭାରତ ହେଉ ନିଶାରୁ ସ୍ୱତନ୍ତ୍ର' ।

ଏହି ଅବସରରେ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର କହିଛନ୍ତି, ଏ ପର୍ଯ୍ୟନ୍ତ ଏହି ଅଭିଯାନରେ ୧୧ କୋଟିରୁ ଅଧିକ ଲୋକ ସାମିଲ ହୋଇଛନ୍ତି । ଆଜି ଅନୁଷ୍ଠିତ ଆଭାସୀ କାର୍ଯ୍ୟକ୍ରମରେ ସାରା ଦେଶର ସରକାରୀ କର୍ମଚାରୀ, କେନ୍ଦ୍ରମନ୍ତ୍ରୀ, ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ, ଏନ୍.ସି.ସି., ନେହରୁ ଯୁବକେନ୍ଦ୍ର ସଂଗଠନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନର ସଦସ୍ୟ ସଦସ୍ୟାମାନେ ଭାଗ ନେଇଥିଲେ । ୨୦୨୦ ଅଗଷ୍ଟ ୧୫ ଠାରୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଥିଲା ଏବଂ ଗତ ବର୍ଷ ଅଗଷ୍ଟରୁ ଦେଶର ସମସ୍ତ ଜିଲ୍ଲାରେ ଏହି ଅଭିଯାନ କାର୍ଯ୍ୟକାରୀ ହେଉଛି ।

# ଗଭର୍ଣ୍ଣମେଣ୍ଟ ସୋଲାର ଭିଲେଜ

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଅନ୍ତର୍ଗତ ସୌର ଗ୍ରାମ ଯୋଜନାର କାର୍ଯ୍ୟକାରିତା ନିମନ୍ତେ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ନୂତନ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜି ଏହି ଯୋଜନାରେ ସାରା ଦେଶରେ ପ୍ରତ୍ୟେକ ଜିଲ୍ଲାରୁ ଗୋଟିଏ ଲେଖାଏଁ ଆଦର୍ଶ ସୌର ଗ୍ରାମ ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୮୦୦ କୋଟି ଟଙ୍କା ବ୍ୟୟ କରାଯିବ। ମାର୍ଗଦର୍ଶିକା ଅନୁଯାୟୀ, ଗ୍ରାମାଞ୍ଚଳରେ ୫ ହଜାର ଜନସାଧାରଣ ଏବଂ ସ୍ୱତନ୍ତ୍ର ରାଜ୍ୟ କ୍ଷେତ୍ରରେ ୨ ହଜାରରୁ ଅଧିକ ଜନସଂଖ୍ୟା ବସବାସ କରୁଥିବା ଗ୍ରାମକୁ ସୌରଗ୍ରାମ ଭାବେ ପରିବର୍ତ୍ତନ କରାଯିବ। ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସୌରଗ୍ରାମ ଗୁଡ଼ିକ ମଧ୍ୟରୁ ଅଧିକ ନବୀକରଣ ଶକ୍ତି, କ୍ଷମତା ବିଶିଷ୍ଟ ଗ୍ରାମକୁ ବିଜେତା ଘୋଷଣା କରାଯିବା ସହ ୧ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃଆରୀରେ ସରକାର ସୌର ଛାତ କ୍ଷମତା କ୍ଷେତ୍ରରେ ଏବଂ ବିଜୁଳି ଉତ୍ପାଦନ ସମ୍ବନ୍ଧରେ ଏହି ଯୋଜନାକୁ ଅନୁମତି ପ୍ରଦାନ କରିଥିଲେ।

# ଡକ୍ଟର ପ୍ରୋଟେଷ୍ଟ

ପଶ୍ଚିମବଙ୍ଗର ଆର୍.ଜି.କର ମେଡିକାଲ କଲେଜରେ ଘଟିଥିବା ଘଟଣାକୁ ନେଇ ଦେଶବ୍ୟାପୀ ରେସିଡେଣ୍ଟ ଡାକ୍ତରମାନେ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ଦିଲ୍ଲୀର ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥା-ଏମ୍ସରେ ଜରୁରୀକାଳନୀ ରୋଗୀ ସେବା ସାମାନ୍ୟଭାବେ କାମ କରୁଥିବା କୁହାଯାଇଛି। ଏକ ବିଜ୍ଞପ୍ତି ଅନୁଯାୟୀ, ସ୍ଥିତି ସ୍ୱାଭାବିକ ହେବା ପରେ ବର୍ହିରୋଗୀ ସେବା କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ପୂର୍ବରୁ ଡାକ୍ତର ଦେଖାଇବା ଲାଗି ଯୋଗାଯୋଗ କରିଥିବା ରୋଗୀମାନଙ୍କୁ ଓପିଡି ସେବା ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ରୋଗୀସେବା ନିମନ୍ତେ ଜରୁରୀକାଳୀନ ବ୍ୟବସ୍ଥା କରାଯାଇଛି।  ଡାକ୍ତରମାନଙ୍କ ଏହି ଧର୍ମଘଟରେ ଦିଲ୍ଲୀର ସଫଦରଜଙ୍ଗ, ଲେଡି ହାର୍ଡିଂ ମେଡିକାଲ କଲେଜ ଏବଂ ମୌଲାନା ଆଜାଦ ମେଡିକାଲ କଲେଜର ଡାକ୍ତରମାନେ ସାମିଲ ହୋଇଛନ୍ତି।

# ଡବ୍ଲ୍ୟୁବି- ରିଜାଇନ୍

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଆର୍.ଜି.କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଆସନ୍ତା ରବିବାର ସୁଦ୍ଧା ପୁଲିସ ଯଦି କୌଣସି ନିଷ୍କର୍ଷରେ ନ ପହଁଞ୍ଚେ, ତେବେ ମାମଲା ସିବିଆଇକୁ ହସ୍ତାନ୍ତର କରାଯିବ। ଇତିମଧ୍ୟରେ

ଆର.ଜି.କର ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧ୍ୟକ୍ଷ ସନ୍ଦୀପ ଘୋଷ ଆଜି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୫ ତାରିଖ ରବିବାର ଦିନ ଆକାଶବାଣୀର ମାସିକ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ଏହା ହେବ ମନ୍ କୀ ବାତ୍‌ର ୧୧୩ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କଠାରୁ ସେମାନଙ୍କର ବିଚାର ଓ ପ୍ରସ୍ତାବ ଆହ୍ୱାନ କରିଛନ୍ତି । ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦ ମାଧ୍ୟମରେ ସେମାନଙ୍କର ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଛି । ସେହିଭଳି ନରେନ୍ଦ୍ର ମୋଦି ଆପ୍ କିମ୍ବା ମାଇଁ ଗଭ୍ ଓପନ୍ ଫୋରମ୍ ମାଧ୍ୟମରେ ମଧ୍ୟ ଦେଶବାସୀ ସେମାନଙ୍କ ମତ ଉପସ୍ଥାପନ କରିପାରିବେ । ଆସନ୍ତା ୨୩ ତାରିଖ ଶୁକ୍ରବାର ସୁଦ୍ଧା ମତ ଉପସ୍ଥାପନ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ନେଟ୍‌ୱାର୍କ, ନ୍ୟୁଜଅନ୍ ଏୟାର ମୋବାଇଲ୍ ଆପ୍ ଏବଂ ଆକାଶବାଣୀ, ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧାସଳଖ ପ୍ରସାରଣ କରାଯିବ । ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ ।

# ବାଂଲାଦେଶ-ପୁଲିସ ଡ୍ୟୁଟି

ବାଂଲାଦେଶରେ ଜାରି ରହିଥିବା ଅଚଳାବସ୍ଥା ମଧ୍ୟରେ ଏକ ସପ୍ତାହ ହେବ କାର୍ଯ୍ୟରେ ଯୋଗ ଦେଇନଥିବା ପୁଲିସ କର୍ମଚାରୀମାନେ ଆଜିଠାରୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦେଶରେ ଆୱାମୀ ଲିଗ୍ ନେତୃତ୍ୱାଧୀନ ସରକାରର ପତନ ପରେ ସେଠାକାର ଅନେକ ଗୁଡ଼ିଏ ପୁଲିସ ଷ୍ଟେସନ ଉପରେ ଆକ୍ରମଣ ହୋଇଥିଲା। ଏହା ଦୃଷ୍ଟିରୁ ପୁଲିସ କର୍ମଚାରୀମାନେ କାର୍ଯ୍ୟ କରୁ ନ ଥିଲେ। ଗତ କିଛିଦିନ ହେବ ଢାକା ସମେତ ଅନ୍ୟ କେତେକ ଅଞ୍ଚଳରେ ଛାତ୍ରଛାତ୍ରୀମାନେ ଟ୍ରାଫିକ କାର୍ଯ୍ୟ ତୁଲାଉଥିବା ଜଣାପଡ଼ିଛି। ତେବେ ଅଚଳାବସ୍ଥା ନେଇ ସେଠାକାର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ପରାମର୍ଶଦାତା ବିଗ୍ରେଡିୟର ଜେନେରାଲ ଏମ୍.ଶେଖାୱତ ହୁସେନଙ୍କ ସହିତ ଆଲୋଚନା ପରେ ପୁଲିସ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବୈଠକ ସମୟରେ ପୁଲିସ ଅଧିକାରୀମାନଙ୍କ ୧୧ ଦଫା ଦାବି ପୂରଣ ନିମନ୍ତେ ପ୍ରତିଶ୍ରୁତି ଦିଆଯିବା ପରେ ପୁଲିସ ଧର୍ମଘଟ ସମାପ୍ତ ହୋଇଥିଲା। ତେବେ ଆଗାମୀ ଦିନରେ ପୁଲିସ ଅଧିକାରୀଙ୍କ ଉପରେ କୌଣସି ପ୍ରକାର ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ ବୋଲି ବାଂଲାଦେଶ ସରକାର କହିଛନ୍ତି।

# ଫରେନ୍ ସେକ୍ରେଟାରୀ ନେପାଳ

ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ ଆଜି କାଠମାଣ୍ଡୁଠାରେ ନେପାଳର ବୈଦେଶିକ ମନ୍ତ୍ରୀ ଆରଜୁ ରାଣା ଦେଓବାଙ୍କ ସହ  ସାକ୍ଷାତ ଆଲୋଚନା କରିଛନ୍ତି। ଉଭୟ ନେତା ଦ୍ୱିପକ୍ଷୀୟ ସମସ୍ୟା ସମେତ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ଲାଗି ସହମତ ହୋଇଛନ୍ତି। ଶ୍ରୀ ମିସ୍ତ୍ରୀ ମଧ୍ୟ ନେପାଳର ବିଦେଶ ସଚିବ’ ସେବା ଲମସଲଙ୍କ ସହ ଭାରତ-ନେପାଳ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଛନ୍ତି। ଭାରତ ଏବଂ ନେପାଳ ମଧ୍ୟରେ ଅନେକ ବର୍ଷର ସାଂସ୍କୃତିକ ସମ୍ପର୍କ ରହିଆସିଛି। ଗତ କିଛି ବର୍ଷ ମଧ୍ୟରେ ଦ୍ୱିପକ୍ଷୀୟ ସହଯୋଗ ଆହୁରି ସୁଦୃଢ଼ ହୋଇଥିବାବେଳେ ଭାରତ ସରକାରଙ୍କ ସହାୟତାରେ ନେପାଳର ଅନେକ ଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟଶେଷ ହୋଇଛି।

# ଜୟଶଙ୍କର-ଏମ୍‌ଓୟୁ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଏବଂ ତାଙ୍କର ମାଳଦ୍ୱୀପ ପ୍ରତିପକ୍ଷ ମୁଶା ଜମିର୍ ୨୦୨୪ରୁ ୨୦୨୯ ମଧ୍ୟରେ ୧ ହଜାର ମାଳଦ୍ୱୀପ ପ୍ରଶାସନିକ ସେବା ଅଧିକାରୀମାନଙ୍କ ଦକ୍ଷତାବୃଦ୍ଧି ସଂକ୍ରାନ୍ତ ରାଜିନାମାର ନବୀକରଣ କରିଛନ୍ତି। ଏହି ରାଜିନାମା ଚଳିତ ମାସ ୯ ତାରିଖରେ ମାଳଦ୍ୱୀପର ରାଜଧାନୀଠାରେ ନବୀକରଣ ହୋଇଥିଲା।

ଏହି ନବୀକରଣ ଭାଗିଦାରୀ ସମ୍ପର୍କ ମାଳଦ୍ୱୀପର ପ୍ରଶାସନିକ ସେବା ଅଧିକାରୀମାନଙ୍କର, ଲୋକମାନଙ୍କ ପାଇଁ ଯୋଜନା, ଶାସନ ଏବଂ ପ୍ରଶାସନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା ସହ ଭାରତ ଓ ମାଳଦ୍ୱୀପ ମଧ୍ୟରେ ସମ୍ପର୍କକୁ ଦୃଢ଼ୀଭୂତ କରିବ।

## ବିଜେପି-ହିଣ୍ଡେନବର୍ଗ

ଭାରତୀୟ ପୁଞ୍ଜିବଜାରରେ କଂଗ୍ରେସ ଦଳ ଅସ୍ଥିରତା ସୃଷ୍ଟି କରୁଛି ବୋଲି ଭାରତୀୟ ଜନତା ପାର୍ଟି ଅଭିଯୋଗ କରିଛି। ବରିଷ୍ଠ ବିଜେପି ନେତା ରବିଶଙ୍କର ପ୍ରସାଦ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେମାନେ ସମ୍ପୂର୍ଣ୍ଣ ପୁଞ୍ଜିବଜାରକୁ ଧରାଶାୟୀ କରିବାକୁ ଓ କ୍ଷୁଦ୍ର ନିବେଶକାରୀମାନଙ୍କର ପୁଞ୍ଜିନିବେଶକୁ ବନ୍ଦ କରିବାକୁ ଚାହୁଁଛନ୍ତି। ସେ କହିଛନ୍ତି, କଂଗ୍ରେସ ମଧ୍ୟ ବିଦେଶୀ ପୁଞ୍ଜିନିବେଶକୁ ବନ୍ଦ କରିବାକୁ ଚାହୁଁଛି। ହିଣ୍ଡେନବର୍ଗ ଉପରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରସାଦ କହିଛନ୍ତି, ହିଣ୍ଡେନବର୍ଗରେ ପୁଞ୍ଜିନିବେଶକାରୀ ଜର୍ଜ ସୋରୋଶ ନିୟମିତ ଭାବେ ଭାରତ ବିରୋଧୀ ପ୍ରଚାର ଅଭିଯାନରେ ସାମିଲ ରହିଥିବାର ସେ ଅଭିଯୋଗ କରିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **'ବିପର୍ଯ୍ୟୟ ସମୟରେ ସୁରକ୍ଷିତ ରହିବାର ଉପାୟ'**

ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସଦସ୍ୟ ଏସ୍. ବସ୍ମ ଏବଂ ନୂଆଦିଲ୍ଲୀ ସ୍ଥିତ ଏମ୍ସ୍‌ର ଜେ.ପି.ଏନ୍.ଏ. ଟ୍ରମା ସେଣ୍ଟର ମୁଖ୍ୟ ଡାକ୍ତର କାମରାନ୍ ଫାରୁକ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## ଶ୍ରୀନଗର-ତିରଙ୍ଗା ର୍‍ୟାଲୀ

ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଆଜି ଶ୍ରୀନଗରଠାରେ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆନ୍ତର୍ଜାତିକ ସମ୍ମେଳନ କେନ୍ଦ୍ରରୁ ବଟାନିକାଲ ଗାର୍ଡେନ ପର୍ଯ୍ୟନ୍ତ ଆୟୋଜିତ ପଦଯାତ୍ରାରେ ଜନପ୍ରତିନିଧି, ଅଧିକାରୀ ଏବଂ ହଜାର ହଜାର ସଂଖ୍ୟାର ନାଗରିକ ମାନେ ଯୋଗ ଦେଇଥିଲେ। ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି, ଜାମ୍ମୁ-କାଶ୍ମୀରରେ ହର୍ ଘର୍ ତିରଙ୍ଗା ଅଭିଯାନ

ଜନଆନ୍ଦୋଳନରେ ପରିଣତ ହୋଇଛି। ସେ ଅଧିକରୁ ଅଧିକ ଲୋକଙ୍କୁ ଏହି ଅଭିଯାନରେ ସାମିଲ ହେବା ଲାଗି ଆହ୍ୱାନ ଦେଇଛନ୍ତି। ଉପରାଜ୍ୟପାଳ ଜାମ୍ମୁ-କାଶ୍ମୀରର ସହିଦ୍ ଏବଂ ଯୋଦ୍ଧାମାନଙ୍କ ସମ୍ମାନାର୍ଥେ ଏକ ପ୍ରତୀକ ଚିହ୍ନ ଜାରି କରିଛନ୍ତି।